**DAV PUBLIC SCHOOLS,ODISHA**
**PERIODIC ASSESSMENT-1(2023-2024)**

- Check that this question paper contains **THREE** printed pages.
- Check that this question paper contains **10** questions.

**STD - IX**
**SUBJECT- ODIA**

**Time Allowed: 1hr 30 mins** *Maximum Marks: 40*

***General Instructions-***

- *The question paper consists of 4 parts.*
- *PART-A : Reading - 5 Marks*
- *PART-B : Writing - 4 Marks*
- *PART-C : Grammar - 7 Marks*
- *PART-D: Literature - 24 Marks*

'କ' ବିଭାଗ

1. ନିମ୍ନ ଅନୁଚ୍ଛେଦଟି ପାଠକରି ପ୍ରଶ୍ନଗୁଡ଼ିକର ସଠିକ୍ ଉତ୍ତର ଲେଖ । 5 x 1= 5

ସମାଜରେ ମନୁଷ୍ୟ ବାସ କରେ । ସାମାଜିକତା ମନୁଷ୍ୟର ଏକ ବିଶେଷ ଗୁଣ ହୋଇଥିବା ହେତୁ ସେ ଅନ୍ୟ ସହ ସଂପର୍କ ସ୍ଥାପନ କରେ । ଏହି ସଂପର୍କ ଯେତେବେଳେ ଘନିଷ୍ଠ ହୋଇଉଠେ, ସେତେବେଳେ ତାହା ବନ୍ଧୁତାରେ ପରିଣତ ହୁଏ । ସୁସ୍ଥ, ସଂହତ ଓ ସୁନ୍ଦର ସମାଜ ଗଠନ ପାଇଁ ବନ୍ଧୁତା ଆବଶ୍ୟକ। ଅନୁଭୂତିସମ୍ପନ୍ନ ଓ ଅଭିଜ୍ଞ ବ୍ୟକ୍ତିମାନେ ବନ୍ଧୁତାର ଅଭ୍ୟୁଦୟ ସମ୍ପର୍କରେ ଭିନ୍ନ ଭିନ୍ନ ମତ ପୋଷଣ କରିଥାଆନ୍ତି। କେହି ବନ୍ଧୁତାକୁ ଈଶ୍ୱରଙ୍କ ଅବଦାନ କହିଥିବା ବେଳେ କେହି ହୃଦୟର ସ୍ୱତଃସ୍ଫୂର୍ତ୍ତ ଭାବାବେଗ ବୋଲି ମତବ୍ୟକ୍ତ କରିଥାଆନ୍ତି । ମିତ୍ରତାର କ୍ଷେତ୍ର ବ୍ୟାପକ ଓ ଉନ୍ମୁକ୍ତ । ସାଧାରଣତଃ ସଦିଚ୍ଛା ,ହୃଦୟର ଭାବାବେଗ,କୃତଜ୍ଞତା, ସାହାଯ୍ୟ, ସହାନୁଭୂତି, ପରୋପକାର ଓ ଯାତ୍ରା-ଉତ୍ସବରୁ ମିତ୍ରତାର ସୃଷ୍ଟି । ମାତ୍ର ମନର ଐକ୍ୟ ଓ ହୃଦୟର ମିଳନରୁ ସୃଷ୍ଟ ମିତ୍ରତା ଚିରନ୍ତନ ଓ ପବିତ୍ର। ପରମେଶ୍ୱରଙ୍କ ସହିତ ମଧ୍ୟ ମନୁଷ୍ୟର ମିତ୍ରତା ରହିଛି । ତେଣୁ ଈଶ୍ୱର ହେଉଛନ୍ତି ଦୀନବନ୍ଧୁ । ଜାତି, ଦେଶ ଓ ବିଶ୍ୱ କଲ୍ୟାଣ କାମନାରେ ଯେଉଁମାନେ ବ୍ରତୀ, ସେମାନେ ଜାତିବନ୍ଧୁ ,ଦେଶବନ୍ଧୁ ଓ ବିଶ୍ୱବନ୍ଧୁ ରୂପେ ପରିଚିତ । ଭାରତୀୟ ସଂସ୍କୃତିରେ ବନ୍ଧୁତାକୁ ସର୍ବଦା ଉଚ୍ଚ ସ୍ଥାନ ପ୍ରଦାନ କରାଯାଇ ଆସିଛି।

(କ) ଅନୁଭୂତିସମ୍ପନ୍ନ ବ୍ୟକ୍ତିମାନେ ବନ୍ଧୁତା ସଂପର୍କରେ କ'ଣ ମତବ୍ୟକ୍ତ କରିଛନ୍ତି ?

(ଖ) କେଉଁ ପ୍ରକାରର ମିତ୍ରତା ଚିରନ୍ତନ ଓ ପବିତ୍ର ?

(ଗ) ଭାରତୀୟ ସଂସ୍କୃତିରେ କାହାକୁ ଉଚ୍ଚ ସ୍ଥାନ ଦିଆଯାଇଛି ?

(ଘ) ସମ୍ପର୍କ କେତେବେଳେ ବନ୍ଧୁତାରେ ପରିଣତ ହୁଏ ?

(ଙ) କେଉଁମାନେ ଜାତିବନ୍ଧୁ ତଥା ଦେଶବନ୍ଧୁ ରୂପେ ପରିଚିତ ?

'ଖ' ବିଭାଗ

2. ତୁମ ଅଞ୍ଚଳରେ ଦୁର୍ଘଟଣା ବୃଦ୍ଧି ହେଉଥିବାରୁ ରାସ୍ତା ମରାମତି ପାଇଁ ବିଡିଓଙ୍କ ନିକଟକୁ ଦରଖାସ୍ତ ଲେଖ । 1 x 4= 4

'ଗ' ବିଭାଗ

3. ସନ୍ଧି ବିଚ୍ଛେଦ କର । 4 x 1 = 4

ବାଗୀଶ , ଉଦ୍ଧତ , ସପ୍ତର୍ଷି , ତପୋବନ

4. ବ୍ୟାସବାକ୍ୟ ସହ ସମାସର ନାମ ଲେଖ । 3 x 1 = 3

ରାଜପଥ , ଅନାବିଳ, ଗଛପାଚିଲା

' ଘ ' ବିଭାଗ

5. ସପ୍ରସଙ୍ଗ ସରଳାର୍ଥ ଲେଖ । 1 x 4 = 4

ସବୁ ବ୍ୟକ୍ତି ଓ ସବୁ ଜାତିଙ୍କ ଠାରେ ଅନୁକରଣ କରିବାଯୋଗ୍ୟ ଅନେକ ଗୁଡ଼ିଏ ଗୁଣ ଅଛି ।

6. ସଂକ୍ଷେପରେ ଉତ୍ତର ଲେଖ । 2 x 2 = 4

(କ) ଜାପାନ ଜାତିର ଉନ୍ନତିର ମୂଳମନ୍ତ୍ର କ'ଣ ?

(ଖ) ଦୋଷଗୁଣ ଦେଖିବା ସମ୍ବନ୍ଧରେ ଲେଖକଙ୍କର ବକ୍ତବ୍ୟ କ'ଣ ?

7. ପ୍ରଶ୍ନଗୁଡିକର ଉତ୍ତର ସଂକ୍ଷେପରେ ଦିଅ । 2 x 2 = 4

(କ) ନୀଳ ପର୍ବତଗୁଡ଼ିକ କେଉଁ ଆକୃତିରେ ଉତ୍କଳଜନନୀଙ୍କ ଦେହକୁ ସଜାଇଛନ୍ତି ?

(ଖ) କୃଷ୍ଣଙ୍କ ଅନୁପସ୍ଥିତିରେ ଯଶୋଦା କ'ଣ କରିବେ ବୋଲି କହିଛନ୍ତି ?

8. ଠିକ୍ ଉତ୍ତରକୁ ବାଛି ଲେଖ । 4 x 1 = 4

(କ) ଡାହାଳ କୁକୁରର ମୂଲ୍ୟ କାହା ଦ୍ୱାରା ବୃଦ୍ଧି ପାଇଥାଏ ?

(i) ତା'ର ଧୈର୍ଯ୍ୟ (ii) ତା'ର ସାହସିକତା (iii) ତା'ର ସୌନ୍ଦର୍ଯ୍ୟ (iv) ତା'ର ମାନସିକତା

(ଖ) ଉତ୍କଳ ସମ୍ମିଳନୀ କେବେ ଗଠିତ ହୋଇଥିଲା ?

(i) ୧୯୧୨ (ii) ୧୯୦୪ (iii) ୧୯୦୩ (iv) ୧୯୦୫

(ଗ) କେଉଁ ଭାବଗୁଡ଼ିକ ମଣିଷକୁ ପ୍ରତିକ୍ଷଣ ତଳକୁ ଟାଣୁଅଛି ?

(i) ପାର୍ଥିବ ଭାବ (ii) ସ୍ୱର୍ଗୀୟ ଭାବ (iii) ଦିବ୍ୟ ଭାବ (iv) ଜାତୀୟ ଭାବ

(ଘ) ଜଳର ଜାତୀୟ ଗୁଣ କ'ଣ ?

(i) ନିମ୍ନଗତି (ii) ଉର୍ଦ୍ଧ୍ୱଗତି (iii) କ୍ଷୀପ୍ରଗତି (iv) ମନ୍ଥରଗତି

9. ଠିକ୍ ଉତ୍ତରକୁ ବାଛି ଲେଖ । 4 x 1 = 4

(କ) ଉତ୍କଳ ଜନନୀଙ୍କ ଶରୀର କେଉଁମାନଙ୍କ ରକ୍ତରେ ଅନୁରଞ୍ଜିତ ?

(i) ବନ୍ଧୁମାନଙ୍କ (ii) ସାଧୁମାନଙ୍କ (iii) ଶତ୍ରୁମାନଙ୍କ (iv) ରାଜାମାନଙ୍କ

(ଖ) ଉତ୍କଳର ଶସ୍ୟକ୍ଷେତ୍ର କେଉଁଥିରେ ପରିପୂର୍ଣ୍ଣ ?

(i) ଗହମ (ii) ଧାନ (iii) ମାଣ୍ଡିଆ (iv) ମୁଗ

(ଗ) ମଥୁରାରେ କିଏ ଧନୁ ଉତ୍ସବର ଆୟୋଜନ କରିଥିଲେ ?

(i) ଇନ୍ଦ୍ରଦ୍ୟୁମ୍ନ (ii) ଶ୍ରୀରାମଚନ୍ଦ୍ର (iii) ରାବଣ (iv) କଂସ

(ଘ) କେଉଁଟି ଚତୁଃସମର ଅନ୍ତର୍ଗତ ନୁହେଁ ?

(i) କସ୍ତୁରୀ (ii) ଚନ୍ଦନ (iii) କୁସୁମ (iv) ଅଗୁରୁ

10. ପ୍ରଶ୍ନଗୁଡିକର ଉତ୍ତର ସଂକ୍ଷେପରେ ଲେଖ । 2 x 2 = 4

(କ) ବୁଢ଼ା ହାଲିଆ ହୋଇ ବିଶ୍ରାମ ନେଇଥିବା ଘରଟି କିପରି ଥିଲା ?

(ଖ) ବୋହୂଟି କି ଶଙ୍ଖା ଖୋଜୁଥିଲା ଓ ବୁଢ଼ା ପାଖରେ କି କି ଶଙ୍ଖା ଥିଲା ?

****